SAMBAD
ସମ୍ବାଦ

ସମ୍ବାଦ

## ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀ, ଭୁବନେଶ୍ୱର

## (ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର)

### ଛାତ୍ର ବୃତ୍ତି ବିଜ୍ଞାପନ

ଏତଦ୍ୱାରା ଉର୍ଦ୍ଦୁ ସାହିତ୍ୟର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଛାତ୍ର ବୃତ୍ତି ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଯେଉଁ ଛାତ୍ରଛାତ୍ରୀ ଉର୍ଦ୍ଦୁ (MIL) ରେ ୬୦% ରୁ ଉର୍ଦ୍ଧ୍ୱ ନମ୍ବର ରଖି H.S.C, +2 ଓ +3, -2023 ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ +2 ଓ +3 ରେ ଉର୍ଦ୍ଦୁ M.I.L ରଖି ଓ ଉର୍ଦ୍ଦୁରେ M.A ପଢିବାକୁ ନାମ ଲେଖାଇ ଥିବେ ସେମାନଙ୍କୁ ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀ ପକ୍ଷରୁ ଛାତ୍ର ବୃତ୍ତି ୨୦୨୩-୨୪ ମସିହା ପାଇଁ ପ୍ରଦାନ କରାଯିବ । ଛାତ୍ରଛାତ୍ରୀମାନେ ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମରେ ନିଜ ନିଜ କଲେଜର Principal ଙ୍କ ଦସ୍ତଖତ ସହିତ ଆବେଦନ କରିପାରିବେ । ଯେଉଁ ଛାତ୍ରଛାତ୍ରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ, ସେମାନଙ୍କୁ ଏକାଡ଼େମୀ ଦ୍ୱାରା ଥରେ ମାତ୍ର ବୃତ୍ତି ମିଳିବ । କେବଳ ପ୍ରଥମ ବର୍ଷ ପଢୁଥିବା ଛାତ୍ରଛାତ୍ରୀ ଆବେଦନ କରିପାରିବେ ।

### ଦରଖାସ୍ତ ଫର୍ମ

### ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହୋଇଥିବ

1. Student's Name, 2. Father's / Guardian's Name, 3. Mother's Name, 4. Date of Birth, 5. Name of the College / University, 6. Adhar Card No., 7. Examination Passed, 8. Percentage in I.L (Urdu), 9. Complete Postal Address with Pin Code, 10. Contact Phone No. The following self attested xerox copies of documents to be enclosed. 1. Mark Sheet of last Exam. Passed, 2. College Identity Card, 3. Adhar Card, 4. First page of Bank Pass Book with A/C No. and IFSC code. 5. Two Pass port size photo, ଗୋଟିଏ ଦରଖାସ୍ତ ଫର୍ମରେ ଲଗାଇବେ ଓ ଅନ୍ୟଟି ନିଜ ଦସ୍ତଖତ ଥାଇ ସମସ୍ତ ପ୍ରମାଣ ପତ୍ରର ଜେରକ୍ସ କପି ସହ ତା.୩୦.୦୯.୨୦୨୩ରିଖ ମଧ୍ୟରେ ଏକାଡ଼େମୀର କାର୍ଯ୍ୟାଳୟରେ ପଇଠ କରିବେ । ଡାକଯୋଗେ ପଇଠ କରିବାର ଠିକଣା : **Secretary, Odisha Urdu Academy, Sanskruti Bhawan, B.J.B. Nagar, Bhubaneswar-751014** ଙ୍କୁ ନିର୍ଦ୍ଧାରିତ ତାରିଖରେ ପହଞ୍ଚିବା ଆବଶ୍ୟକ । ଦରଖାସ୍ତ ଫର୍ମର ନିମ୍ନରେ Principal ଙ୍କ ଦସ୍ତଖତ ସହିତ କଲେଜ Seal ଓ ଅନ୍ୟ ପକ୍ଷରେ ଆବେଦନକାରୀଙ୍କ (ଛାତ୍ର/ଛାତ୍ରୀଙ୍କ) ପୂର୍ଣ୍ଣ ଦସ୍ତଖତ ହୋଇଥିବ । ନିର୍ଦ୍ଧାରିତ ତାରିଖ ପରେ ବା ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

ସଂପାଦକ

ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ଭୁବନେଶ୍ୱର-୧୪

# ODISHA URDU ACADEMY, BHUBANESWAR

## Department of Odia language, literature & Culture, Govt. of Odisha

## Application Form for Scholarship-2023-24

(Application must be filled by the candidate only)

1. Student's Name (Block letter):
2. Father's/Guardian's Name :
3. Mother's Name :
4. Date of Birth :
5. Name of College/University :
6. Annual Examination Passed :
7. Percentage in MIL ( Urdu) :
8. Complete postal Address with pin code :
9. Contact No. :

**The following self attested xerox copies of documents are enclosed:**

1. Marks sheet of last Annual Exam. Passed
2. College Identity Card
3. Adhar Card
4. First page of Bank Pass Book with A/c No. & IFSC Code
5. Two pass port size Photographs

**Signature of the Candidate**

**Signature of the Principal**
**With office Seal**

# ଛାତ୍ରବୃତ୍ତି ପ୍ରଦାନ କରିବ ଉର୍ଦ୍ଦୁ ଏକାଡେମୀ

## ଆବେଦନର ଶେଷ ତାରିଖ ଅକ୍ଟୋବର ୩୧

ଭୁବନେଶ୍ୱର,୧୪।୯(ବ୍ୟୁରୋ): ଛାତ୍ରବୃତ୍ତି ପ୍ରଦାନ କରିବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ଉର୍ଦ୍ଦୁ ଏକାଡେମୀ । ଏଥିପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଆସନ୍ତା ଅକ୍ଟୋବର ୩୧ ଆବେଦନର ଶେଷ ତାରିଖ ରହିଥିବା ଏକ ବିଜ୍ଞପ୍ତିରେ ଏକାଡେମୀ ସମ୍ପାଦକ ଡ. ସୟଦ ମୁଣୀର ଆଲମ ସୂଚନା ଦେଇଛନ୍ତି । ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହୋଇଥିବ ।

ଉର୍ଦ୍ଦୁ ସାହିତ୍ୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଯେଉଁ ଛାତ୍ରଛାତ୍ରୀ ଉର୍ଦ୍ଦୁ(ଏମ୍‌ଆଇଏଲ୍)ରେ ୬୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ମାଟ୍ରିକ୍, ଯୁକ୍ତ ଦୁଇ, ଯୁକ୍ତ ତିନି, ୨୦୧୯ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ଯୁକ୍ତ ଦୁଇ, ଯୁକ୍ତ ତିନି ଓ ଏମ୍‌ଏରେ ଉର୍ଦ୍ଦୁ ସାହିତ୍ୟ ସହ ପଢ଼ିବାକୁ ନାମ ଲେଖିଥିବେ, ସେମାନଙ୍କୁ ୨୦୧୯-୨୦ମସିହା ପାଇଁ ଛାତ୍ରବୃତ୍ତି ଦିଆଯିବ । ଯେଉଁ ଛାତ୍ରଛାତ୍ରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ, ସେମାନଙ୍କୁ ଏକାଡେମୀ ଦ୍ୱାରା ଥରେ ବୃତ୍ତି ମିଳିବ । କେବଳ ପ୍ରଥମ ବର୍ଷ ପଢୁଥିବା ଛାତ୍ରଛାତ୍ରୀ ଆବେଦନ କରିପାରିବେ । ଆବେଦନକାରୀ ଦରଖାସ୍ତ ଫର୍ମରେ ତାଙ୍କ ନାମ, ବାପା, ମାଙ୍କ ନାମ, ଜନ୍ମ ତାରିଖ, କଲେଜ ଓ ବିଶ୍ୱବିଦ୍ୟାଳୟ ନାମ, ପରୀକ୍ଷାରେ ପାସ୍ ବର୍ଷ, ଏମ୍‌ଆଇଏଲ୍(ଉର୍ଦ୍ଦୁ)ରେ ପ୍ରତିଶତ ହାର, ଯୋଗାଯୋଗ ଫୋନ୍ ନଂ, ପୋଷ୍ଟାଲ୍ ଠିକଣା, ଏଥିସହିତ ମାର୍କସିଟ୍, କଲେଜ ପରିଚୟ ପତ୍ର, ଆଧାରକାର୍ଡ, ବ୍ୟାଙ୍କପାସ୍‌ବୁକ୍‌ର ଜେରକ୍ସ କପି ସହ ଦୁଇଟି ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫରୁ ଗୋଟିଏ ଦରଖାସ୍ତ ଫର୍ମରେ ଲଗାଇବେ ଓ ଅନ୍ୟଟି ନିଜ ଦସ୍ତଖତ ଥାଇ ସମସ୍ତ ପ୍ରମାଣପତ୍ରର ଜେରକ୍ସ କପି ସହ ୩୧.୧୦.୨୦୧୯ ମଧ୍ୟରେ ଏକାଡେମୀ କାର୍ଯ୍ୟାଳୟରେ ପଇଠ କରିବେ । ଡାକ ଯୋଗେ ପଇଠ କରିବାର ଠିକଣା:- ସମ୍ପାଦକ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ସଂସ୍କୃତି ଭବନ, ବିଜେବି ନଗର, ଭୁବନେଶ୍ୱର-୭୫୧୦୧୪ଙ୍କୁ ନିର୍ଦ୍ଧାରିତ ତାରିଖରେ ପହଞ୍ଚିବା ଦରକାର । ଦରଖାସ୍ତ ଫର୍ମର ନିମ୍ନରେ ପ୍ରିନ୍ସିପାଲ୍‌ଙ୍କ ଦସ୍ତଖତ ସହିତ କଲେଜ ସିଲ୍ ଓ ଅନ୍ୟପକ୍ଷରେ ଆବେଦନକାରୀଙ୍କ ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣ ଦସ୍ତଖତ ହୋଇଥିବ । ନିର୍ଦ୍ଧାରିତ ତାରିଖ ପରେ ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।